## ସଂକ୍ଷେପରେ

### ୫ ଜୀବନ ନେଲା କରୋନା

ଅନୁଗୋଳ ଅଫିସ,୧୮।୮: ଅନୁଗୋଳ ଜିଲାରୁ ବୁଧବାର ୧୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୩ ହଜାର ୭୭୩ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳରୁ ୭ ଜଣ, କଣିହାଁ ବ୍ଲକରୁ ୩, ଛେଣ୍ଡିପଦା ବ୍ଲକରୁ ୨ ଏବଂ ତାଲଚେର ବ୍ଲକରୁ ୨ ଜଣ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୪୦ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ପୁଣି ୫ ଜଣଙ୍କ ଜୀବନ କରୋନା କାରଣରୁ ଯାଇଛି। ଫଳରେ ମୋଟ ମୃତକଙ୍କ ସଂଖ୍ୟା ୩୦୯ରେ ପହଞ୍ଚିଛି।

### ପଞ୍ଚାୟତ ଘେରାଉ ବେଳେ ବିରୋଧ

ଖମାର,୧୮।୮(ଡି.ଏନ.ଏ.): ପାଲଲହଡ଼ା ଉପଖଣ୍ଡ ରୋହିଲା ପଞ୍ଚାୟତ ଭାଜପା ପକ୍ଷରୁ ୧୯ଟି ଦୁର୍ନୀତି ବିରୋଧରେ ବୁଧବାର ପଞ୍ଚାୟତ ଅଫିସ ଘେରାଉ ବେଳେ ସ୍ଥାନୀୟ ସରପଞ୍ଚ କାବେରୀ ସାହୁଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ବିରୋଧ କରିବା ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ପଞ୍ଚାୟତ ଅଫିସ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆବାସ ଯୋଜନାରେ ହେରଫେର, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି, ପାର୍କ ନିର୍ମାଣ ନ ହେଉଣୁ ବିଲ୍ ଉଠାଯିବା ଆଦି ୧୯ଟି ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପଞ୍ଚାୟତ ଭାଜପା କର୍ମୀମାନେ ବରିଷ୍ଠ ନେତା ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ପଞ୍ଚାୟତ ଅଫିସ ଅଭିମୁଖେ ଆଗେଇ ଯାଇଥିଲେ। ସ୍ଥାନୀୟ ସମିତି ସଭ୍ୟ ଲକ୍ଷ୍ମୀଧର ସାହୁ, ବହୁ ଅବସରପ୍ରାପ୍ତ ଶିକ୍ଷକ ଏଥିରେ ସାମିଲ ହୋଇଥିଲେ। ପାଲଲହଡ଼ା ବିଡିଓ ସୁମନ ମିଞ୍ଜ ଓ ପୋଲିସ ପହଞ୍ଚି ଭାଜପା କର୍ମୀମାନଙ୍କୁ ବୁଝାଶୁଝା କରୁଥିବା ବେଳେ ହଠାତ୍ ସରପଞ୍ଚ କାବେରୀ ସାହୁଙ୍କ ସହ କେତେଜଣ ବିଜେଡି କର୍ମୀ ପହଞ୍ଚି ବିରୋଧ କରିଥିଲେ। ପୋଲିସ ପରିସ୍ଥିତି ନିୟନ୍ତ୍ରଣ କରିବା ପରେ ଭାଜପା ନେତୃମଣ୍ଡଳୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉପଯୁକ୍ତ ତଦନ୍ତ ସହିତ ଦୁର୍ନୀତି ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ କହିବା ପରେ ଭାଜପା କର୍ମୀମାନେ ସେଠାରୁ ଫେରିଥିଲେ। ଏ ସମ୍ପର୍କରେ ଭାଜପା ନେତା ଅଶୋକ ମହାନ୍ତି କହିଛନ୍ତି, ବିଜେଡିର ବିରୋଧ ଅତ୍ୟନ୍ତ ନିନ୍ଦନୀୟ। ସରପଞ୍ଚ କାବେରୀ ସାହୁ କହିଛନ୍ତି, ଏହା ଭାଜପାର ହୀନ ରାଜନୀତି।

### ଭେଣ୍ଡିଂ ଜୋନ୍ ଉଚ୍ଛେଦ

ଆଠମଲ୍ଲିକ,୧୮।୮(ଡି.ଏନ.ଏ.): ଦୀର୍ଘ ୭ ବର୍ଷରୁ ଊର୍ଦ୍ଧ୍ୱ ହେବ ଆଠମଲ୍ଲିକ ସହର ଗଣେଶ ବଜାରରେ ଭେଣ୍ଡିଂ ଜୋନ ପାଇଥିବା ବ୍ୟବସାୟୀଙ୍କ ଜିନିଷପତ୍ରକୁ ବୁଧବାର ଏନ୍‌ଏସି କର୍ତ୍ତୃପକ୍ଷ ହଟାଇ ତାଲା ପକାଇଛନ୍ତି। ୨୦୧୩ରୁ ୧୭ ଜଣ ବ୍ୟବସାୟୀ ଏହି କ୍ୟାବିନ ନେଇଥିଲେ ମଧ ମାସିକ ଦେୟ ଦେଇ ନ ଥିଲେ। ଏଯାବତ ୩ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟବସାୟୀଙ୍କ ଉପରେ ବକେୟା ରହିଥିଲା। ତାହା ପଇଠ କରିବାକୁ ବାରମ୍ବାର କୁହାଯିବା ପରେ ମଧ ବ୍ୟବସାୟୀମାନେ ଦେଉ ନ ଥିଲେ। ଫଳରେ ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କ ତତ୍ତ୍ୱାବଧାନରେ କ୍ୟାବିନ ତାଲା ଭଙ୍ଗାଯିବା ସହ ଏନ୍‌ଏସି ପକ୍ଷରୁ ନୂତନ ତାଲା ପକାଯାଇଛି। ଆଠମଲ୍ଲିକ ତହସିଲଦାର ତଥା ମାଜିଷ୍ଟ୍ରେଟ ଡା. ସ୍ୱରୂପାନନ୍ଦ ସାହୁଙ୍କ ସମେତ ଥାନାର ସେକେଣ୍ଡ ଅଫିସର ବ୍ରହ୍ମାନନ୍ଦ ସାହୁ, ହାବିଲଦାର ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଉପଜିଲାପାଳଙ୍କୁ ଦାବିପତ୍ର

ମାଧପୁର,୧୮।୮: ପାନୀୟ ଜଳ ସମସ୍ୟା ଓ ଚାଷ ଜମିକୁ ଜଳସେଚନ କରାଯିବା ଦାବିରେ ବୁଧବାର ଆଠମଲ୍ଲିକ ବ୍ଲକ ଓଡ଼ସିଙ୍ଗା ଗ୍ରାମର ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ମହିଳା ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ମୁତାବକ, ଗ୍ରାମରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବାବେଳେ ପିଇବା ପାଣିର ଅଭାବ ଦେଖାଦେଇଛି। ଗ୍ରାମର ନଳକୂପରୁ ସ୍ୱାସ୍ଥ୍ୟ ଉପଯୋଗୀ ପାନୀୟଜଳ ବାହାରୁ ନ ଥିବାରୁ ଗ୍ରାମବାସୀ ଦୂଷିତ ନଦୀ ଜଳ ବ୍ୟବହାର କରୁବାକୁ ବାଧ ହେଉଛନ୍ତି। ଆଠମଲ୍ଲିକ ମହାନଦୀ କୂଳରେ ଏକ କୂପ ଖନନ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ପାଇପ୍ ଲାଇନ ବିଛାଯାଇ ନ ଥିବାରୁ ସାଧାରଣ ଲୋକ ଦୂଷିତ ପାନୀୟ ଜଳ ପିଇବାକୁ ବାଧ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗର ଦୃଷ୍ଟି ଆକର୍ଷଣ କଲେ କୌଣସି ସୁଫଳ ମିଳୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ସେହିପରି ମାନଜୋର ପ୍ରକଳ୍ପରୁ ପାଣି ଜମିକୁ ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଉପଜିଲାପାଳଙ୍କ ତରଫରୁ ସହକାରୀ ଜିଲାପାଳ ଲମ୍ବୋଦର ମାରାଣ୍ଡି ଦାବିପତ୍ର ଗ୍ରହଣ କରିଥିଲେ। ଡଲି ମହାପାତ୍ର, ସୁମିଆ ବଡ଼ମଳି, କୁନି ବେହେରା, ସତ୍ୟଭାମା ବଡ଼ମାଳି, ଭବାନୀ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ପହଞ୍ଚାଉଛି କ୍ଷତି

- ହଣ୍ଡପା ରେଞ୍ଜରେ ବଢୁଛି ଉପଦ୍ରବ
- ୮ ବର୍ଷରେ ନେଇଛି ୯ ଜଣଙ୍କ ଜୀବନ
- ଭାଙ୍ଗିଛି ୧୪୨ ଚାଳ, ଆଜବେଷ୍ଟସ ଘର

ବଇଣ୍ଡା,୧୮।୮(ପରିକ୍ଷିତ ସାହୁ)


କୋବି ଚାଷକୁ ହାତୀ ପଲ ନଷ୍ଟ କରିଛନ୍ତି।

ଐତିହ୍ୟ ପ୍ରାଣୀ ହାତୀ ପାଇଁ ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ଅଞ୍ଚଳବାସୀ ବର୍ଷ ବର୍ଷ ଧରି କ୍ଷତି ସହୁଛନ୍ତି। ଗତ ୮ ବର୍ଷ ମଧ୍ୟରେ ହାତୀପଲ ୯ ଜଣଙ୍କ ଜୀବନ ନେଇଥିବାବେଳେ ୧୪୨ଟି ଚାଳ ଓ ଆଜବେଷ୍ଟସ ଘର ଭାଙ୍ଗି ଦେଇଛନ୍ତି। ଶତାଧିକ ହେକ୍ଟର ଜମିରେ ଧାନ ଓ ପରିବା ଫସଲ ନଷ୍ଟ କରିଛନ୍ତି। ଲୋକଙ୍କ ଧନଜୀବନକୁ ସୁରକ୍ଷିତ ରଖିବାକୁ ବନ ବିଭାଗ ପକ୍ଷରୁ ସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ହେଉଥିବା ଫସଲ କ୍ଷତି ବାବଦ କ୍ଷତିପୂରଣ ପ୍ରଦାନ କରାଯାଉ ନାହିଁ। ଏହାକୁ ନେଇ ରେଞ୍ଜବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ହଣ୍ଡପା ରେଞ୍ଜ ଅଞ୍ଚଳରେ ୧୫ଟି ପଞ୍ଚାୟତ ରହିଛି। ଏହାର ଆକାର ୧୮ ହଜାର ୮୯୪ ହେକ୍ଟର। ଏହି ରେଞ୍ଜରେ ଥିବା ଅନେକ ଜଙ୍ଗଲ କାଠ ଚୋରଙ୍କ ଯୋଗୁ ପଦାହେବାକୁ ବସିଛି। ତେଣୁ ଖାଦ୍ୟାଭାବର ଶିକାର ହେଉଥିବା ହାତୀପଲ ଗ୍ରାମାଭିମୁଖୀ ହେଉଛନ୍ତି। ଅଧିକାଂଶ ସମୟରେ ଦେବଗଡ଼ ଜିଲା ଓ ରେଢ଼ାଖୋଲ ରେଞ୍ଜରୁ ହାତୀମାନେ ହଣ୍ଡପା ଚାଲିଆସୁଛନ୍ତି। ଗତବର୍ଷ ବହୁ ସଂଖ୍ୟକ ହାତୀ ବିଭିନ୍ନ ପଞ୍ଚାୟତରେ ପଶି ବ୍ୟାପକ ଫସଲ ନଷ୍ଟ କରିଥିଲେ। ଗତ ସପ୍ତାହେ ହେଲା ୧୦ଟି ହାତୀ ଖଣ୍ଡବର, ପାର୍ବତୀପୁର, ଜାମୁନାଳୀ, ଅଁଳାବେରେଣି, କଣ୍ଟେଇକୋଲିଆ, ମଧପୁର, ବିଡିଶିଙ୍ଗି, ବାଦୀବାହାଳ, ଇଚ୍ଛାପୁର ଗ୍ରାମରେ ଉପଦ୍ରବ ଚଳାଇଛନ୍ତି। ଧାନ, ପନିପରିବା ଚାଷକୁ ଦଳିଚକଟି ଦେବା ସହ ବାଡ଼ିବଗିଚାରେ ଲଗାଯାଇଥିବା ଆମ୍ବ, ପଣସ, କଦଳୀ ଗଛ ଗୁଡିକୁ ଭାଙ୍ଗି ନଷ୍ଟ କରୁଛନ୍ତି। ଦଳ ଦଳ ହୋଇ ହାତୀ ଗ୍ରାମରେ ପ୍ରବେଶ କରୁଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। କଣ୍ଟେଇକୋଲିଆ ଗ୍ରାମର ବରଜୁ ସେଠୀ, ବାଙ୍ଗୁରୁ ସେଠୀ, ଜୟ ଦେହୁରୀ, ସାରୁ ଦେହୁରୀ, ଶାନ୍ତନୁ ପ୍ରଧାନ, ଗଣେଶ ବେହେରା, ଉମା ବେହେରା, ବିଡିଶିଙ୍ଗି ଗ୍ରାମର ଗିରିଧାରୀ ସାହୁ, ଗୋବର୍ଦ୍ଧନ ସାହୁ, ଅରୁଣ ସାହୁ, ଅଲେଖ ସାହୁ, ସଞ୍ଜୀବ ପ୍ରଧାନ, ଇଚ୍ଛାପୁର ଗ୍ରାମର ଉତ୍ତମ ମାଟିଆରୀ, ରାମଚନ୍ଦ୍ର ସାହୁ, ପ୍ରଶାନ୍ତ ସାହୁ, ସନ୍ତୋଷ ସାହୁ, ଭଗବାନ ପ୍ରଧାନ, ଅରୁଣ ସାହୁ, ପ୍ରଭାକର ସାହୁ, ଲୋକନାଥ ସାହୁ, ଗୌତମ ଦେହୁରୀ, ଅଁଳାବେରେଣି ଗ୍ରାମର ରାଧାକାନ୍ତ ସାହୁ, ଭୀମସେନ ଦେହୁରୀ, ପୀତାମ୍ବର ଦେହୁରୀଙ୍କ ୨୦ ଏକର ଧାନ ଚାଷ ଓ ୫ ହଜାର କୋବି ଗଛ ନଷ୍ଟ କରିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ ବିଭାଗ ହାତୀ ଘଉଡ଼ାଉ ନାହିଁ। ଏପରି କି ଗ୍ରାମବାସୀଙ୍କୁ ବାଣ ମଧ ଯୋଗାଉ ନାହିଁ। ବାଧହୋଇ ଗ୍ରାମବାସୀ ନିଆଁ ହୁଳା ଧରି ରାତିରେ ଜଗି ରହୁଥିବା ବିଡିଶିଙ୍ଗିବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ବନ ବିଭାଗ ଉଚ୍ଚ ପଦାଧିକାରୀ ସମସ୍ୟା ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି।

### କ୍ଷତିପୂରଣ ଯୋଗାଇ ଦିଆଯାଉ



“ହାତୀ ଉପଦ୍ରବ ଲୋକଙ୍କ ନିଦ ହଜାଇ ଦେଇଛି। ଅଁଳାବେରେଣି ଗ୍ରାମରେ କିଛି ଦିନ ହେବ ହାତୀପଲ ପ୍ରବେଶ କରି କ୍ଷୟକ୍ଷତି ଘଟାଉଥିଲେ ମଧ ବନ ବିଭାଗ ଘଉଡ଼ାଉ ନାହିଁ। ଦଳ ଦଳ ହୋଇ ହାତୀ ଆସୁଥିବା ଦେଖି ଗ୍ରାମବାସୀ ଭୟଭୀତ ହୋଇପଡୁଛନ୍ତି। କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇ କ୍ଷତିପୂରଣ ଯୋଗାଇ ଦିଆଯାଉ।

-ଅପି ଦେହୁରୀ, ଅଁଳାବେରେଣି

### ଉଚିତ ପଦକ୍ଷେପ ନିଆଯାଉନି



“ହାତୀପଲ କିପରି ଗାଁ ମଧକୁ ପ୍ରବେଶ ନ କରିବେ, ସେ ଦିଗରେ ବନ ବିଭାଗ ପକ୍ଷରୁ ଠିକ୍ ଭାବେ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଚାଷୀମାନେ ବ୍ୟାପକ କ୍ଷତି ସହୁଛନ୍ତି। ବନ ବିଭାଗର ପାଟ୍ରୋଲିଂ ଅଭାବରୁ ହାତୀ ଉପଦ୍ରବ ବଢୁଥିବା ବେଳେ ଅଧିକାରୀମାନେ ଏହାକୁ ରୋକିବାରେ ବିଫଳ ହେଉଛନ୍ତି।

- ଅମାତ ସାହୁ, କଣ୍ଟେଇକୋଲିଆ

### ବହୁ ଫସଲ ନଷ୍ଟ କରୁଛନ୍ତି



“କରୋନା ସମୟ ଯୋଗୁ ବହୁ ଲୋକ ଆୟ ପାଇଁ ଚାଷ ଉପରେ ନିର୍ଭର କରୁଛନ୍ତି। ବିଶେଷକରି ଚାଷୀମାନେ ପରିବା ଫସଲ ପ୍ରତି ଅଧିକ ଆଗ୍ରହ ଦେଖାଉଛନ୍ତି। ଏପରି ସମୟରେ ହାତୀପଲ ଗାଁକୁ ଆସି ଚାଷ ନଷ୍ଟ କରୁଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଏହାର ସ୍ଥାୟୀ ପ୍ରତିକାର କରାଯାଉ।

-ଲଳିତ କୁମାର ସାହୁ, ବିଡିଶିଙ୍ଗି

### କେବଳ ଅଭିଯୋଗ କରୁଛୁ



“ହାତୀମାନଙ୍କ ଦ୍ୱାରା ଚାଷ କ୍ଷତିଗ୍ରସ୍ତ ହେଉଥିଲେ ବି ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାରେ ବନ ବିଭାଗ ବିଫଳ ହୋଇଛି। ୨୦୨୦ରେ ଖଣ୍ଡବର ଗ୍ରାମର ୧୫ ଜଣ ଚାଷୀଙ୍କ ଧାନ ଫସଲ ହାତୀ ନଷ୍ଟ କରିଥିଲା। ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ ସମ୍ପୃକ୍ତ ଚାଷୀମାନଙ୍କୁ କ୍ଷତିପୂରଣ ମିଳୁନାହିଁ।

- ପୁରନ୍ଦର ବିଶ୍ୱାଳ, ଖଣ୍ଡବର

### ୨ଟି ଟିମ୍ ଗଠନ କରାଯାଇଛି



“ହାତୀ ଉପଦ୍ରବ ରୋକିବା ପାଇଁ ୨ଟି ଟିମ୍ ଗଠନ କରାଯାଇଛି। ଖବର ଆସିଲା ମାତ୍ରେ ବନ ବିଭାଗ ପକ୍ଷରୁ ପଦେକ୍ଷେପ ନିଆଯାଉଛି। ଏଥିସହ କ୍ଷତିଗ୍ରସ୍ତମାନଙ୍କୁ ଚିହ୍ନଟ କରାଯାଇ କ୍ଷତିପୂରଣ ଯୋଗାଇ ଦିଆଯିବ। ଲୋକମାନେ ଜଙ୍ଗଲକୁ ନଷ୍ଟ କରନ୍ତୁ ନାହିଁ ଏଥିଯୋଗୁ ଜୀବଜନ୍ତୁ ଗ୍ରାମାଭିମୁଖୀ ହେଉଛନ୍ତି।

-ଚୈତନ୍ୟ ବେହେରା, ରେଞ୍ଜର, ହଣ୍ଡପା

## ୨୦ରେ ରାଜ୍ୟ କାର୍ଯ୍ୟକାରିଣୀ


ଖବରଦାତା ସମ୍ମିଳନୀରେ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ।

ଅନୁଗୋଳ ଅଫିସ,୧୮।୮

ଆଗାମୀ ୨୦ ତାରିଖରେ ରାଷ୍ଟ୍ରୀୟ ଯୁବ ସଙ୍ଗଠନର ପ୍ରାଦେଶିକ କାର୍ଯ୍ୟକାରିଣୀ ବୈଠକ ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସ ପରିସରରେ ଅନୁଷ୍ଠିତ ହେବ। ବୁଧବାର ଛାତ୍ରାବାସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଂଯୋଜକ ସୂର୍ଯ୍ୟ ନାରାୟଣ ନାଥ, ଆଦ୍ୟଶ୍ଳୋକ ମିଶ୍ର, ସିଣ୍ଟୁ ନାୟକ, ଲିପିକା ମହାପାତ୍ର, ରଣଜିତ ଦେହୁରୀ ପ୍ରମୁଖ କହିଛନ୍ତି ଯେ, ରାଜ୍ୟର ପ୍ରତି ଜିଲାରୁ ସଙ୍ଗଠନର ପଦାଧିକାରୀମାନେ ଏଥିରେ ଯୋଗ ଦେବେ। ନବ ନିର୍ବାଚିତ ରାଷ୍ଟ୍ରୀୟ ସଂଯୋଜକ ଅଜମତ ଖାଁ ଏହି ଅବସରରେ ଅନୁଗୋଳଠାରେ ପହଞ୍ଚି ରାଜ୍ୟ କାର୍ଯ୍ୟକାରିଣୀରେ ଉଦ୍‌ବୋଧନ ଦେବେ। ତାଙ୍କ ସହ ପ୍ରାକ୍ତନ ରାଷ୍ଟ୍ରୀୟ ସଂଯୋଜକ ଡ. ବିଶ୍ୱଜିତ ଉପସ୍ଥିତ ରହିବେ। ସମସ୍ତ ପ୍ରାକ୍ତନ ପ୍ରାଦେଶିକ ସଂଯୋଜକ ମଧ ଯୋଗ ଦେବେ। ବେରୋଜଗାରି ଓ ସାମ୍ପ୍ରଦାୟିକତା ବିରୋଧରେ ରାଜ୍ୟରେ ଜୋରଦାର୍ ଆନ୍ଦୋଳନ ଗଢିତୋଳିବା ପାଇଁ ଏହି କାର୍ଯ୍ୟକାରିଣୀରେ ରଣନୀତି ସ୍ଥିର ହେବ। ଏଥିସହ ବିଭିନ୍ନ ଜିଲା ପାଇଁ ପ୍ରଭାରୀମାନଙ୍କୁ ନିଯୁକ୍ତ କରାଯିବ। ରାଷ୍ଟ୍ରୀୟ ସଂଯୋଜକ ଖାଁ ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତିଙ୍କୁ ସାକ୍ଷାତ୍ କରିବା ସହ ତାଙ୍କ ମାର୍ଗଦର୍ଶନ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ଶ୍ରମିକଙ୍କ ସମସ୍ୟା ସମାଧାନ ଦାବି


ଓଏଚ୍‌ପିସି ପ୍ରଗତିଶୀଳ କର୍ମଚାରୀ ସଂଘର ସଦସ୍ୟମାନେ।

କଣିହାଁ,୧୮।୮(ଡି.ଏନ.ଏ.)

ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ ବୁଧବାର ରେଙ୍ଗାଲି ପ୍ରକଳ୍ପ ଗସ୍ତ କରିଛନ୍ତି। ଏହି ଅବସରରେ ଓଏଚ୍‌ପିସି ପ୍ରଗତିଶୀଳ କର୍ମଚାରୀ ସଂଘ ପକ୍ଷରୁ ଶ୍ରମିକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସେ ଯୋଗ ଦେଇଥିଲେ। ଓଏଚ୍‌ପିସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ବେଳେ ସଂଘ ସଭାପତି ଡ. ଖୁଣ୍ଟିଆ ଶ୍ରମିକ କର୍ମଚାରୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ସରକାରୀ ବାସଗୃହ ମରାମତି ସହ ଠିକାଶ୍ରମିକମାନଙ୍କୁ ବାସଗୃହ ଯୋଗାଣ, ଠିକାଶ୍ରମିକଙ୍କୁ ସର୍ବନିମ୍ନ ୧୮ହଜାର ଟଙ୍କା ବେତନ ପ୍ରଦାନ ଆଦି ଦାବି ଉପସ୍ଥାପନ କରିଥିଲେ। ଓଏଚ୍‌ପିସି କର୍ତ୍ତୃପକ୍ଷ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମଧ୍ୟାହ୍ନରେ ଡ. ଖୁଣ୍ଟିଆ ଶ୍ରମିକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏନ୍‌ଟିୟୁସିର ରାଜ୍ୟ ଉପସଭାପତି ମଦନମୋହନ ଧଳ, ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ଜେନା, ପ୍ରଗତିଶୀଳ କର୍ମଚାରୀ ସଂଘ ସମ୍ପାଦକ ଡ. ନିରଞ୍ଜନ ସାମଲ, କଣିହାଁ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ଶଶିକାନ୍ତ ସାମଲ, ଜିଲା ସଭାପତି ଦିଗାମ୍ବର ଗଡନାୟକ, କର୍ମଚାରୀ ସଂଘ ସଭାପତି ଗୋପୀନାଥ ପ୍ରଧାନ, ସାଧାରଣ ସମ୍ପାଦକ କାଳୀପ୍ରସନ୍ନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ଛେଣ୍ଡିପଦା,୧୮।୮(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ଜରପଡା ରାସ୍ତାର ବିଦ୍ୟୁତ୍ ଷ୍ଟ୍ରକଚର ନିକଟସ୍ଥ ବସ୍ତିରେ ରହୁଥିବା ଜଣେ ଶ୍ରମିକ ବିଦ୍ୟୁତ୍ ଆଘାତରେ ବୁଧବାର ପ୍ରାଣ ହରାଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗ ଔରଙ୍ଗବାଦ ଥାନା ଅଞ୍ଚଳରେ ରନି ଏସ.କେ.। ଘଟଣାରୁ ପ୍ରକାଶ, ଛେଣ୍ଡିପଦା ଅଞ୍ଚଳରେ ଘର ନିର୍ମାଣ କାମ କରିବା ପାଇଁ କେତେଜଣ ଶ୍ରମିକ ଭଡା ନେଇ ରହୁଛନ୍ତି। ରନି ସାଙ୍ଗମାନଙ୍କ ସହ ମଙ୍ଗଳବାର ସନ୍ଧ୍ୟାରେ କାମ ସାରି ରହୁଥିବା ଭଡାଘରକୁ ଫେରି ଓଦା ଗାମୁଛା ଶୁଖାଉଥିବା ବେଳେ ବିଦ୍ୟୁତ୍ ଆଘାତ ପାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସାଙ୍ଗମାନେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଗୋଚର ଜମି ବିକ୍ରିର ପ୍ରତିବାଦ


ତହସିଲ ପ୍ରଶାସନ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

### ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ପାଲଲହଡ଼ା,୧୮।୮(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ତହସିଲ ଅଧୀନ ଖେମଳା ପଞ୍ଚାୟତ ବନର ଗ୍ରାମରେ ଥିବା ଗୋଚର ଜମିକୁ କେତେଜଣ ଦଲାଲ ବିକ୍ରି କରୁଥିବା ବୁଧବାର ତହସିଲ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ତହସିଲଦାରଙ୍କ ବଦଳି ହୋଇଥିବାରୁ ଅତିରିକ୍ତ ତହସିଲଦାର ଦାମୋଦର ପ୍ରଧାନ ଗ୍ରାମବାସୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି, ରେଙ୍ଗାଲି ପ୍ରକଳ୍ପ ପାଇଁ ବିସ୍ଥାପିତ ବନର ଗ୍ରାମବାସୀଙ୍କୁ ସରକାର ଚାରିଗଛିଆ ସଂରକ୍ଷିତ ଜଙ୍ଗଲରେ ଥଇଥାନ କରିଥିଲେ। ଜାତୀୟ ରାଜପଥ ୧୪୯ର ପ୍ରଶସ୍ତୀକରଣ ବେଳେ ସରକାର ଦେଇଥିବା ଜମିରୁ ୨.୮୨ ଏକର ଅଧିଗ୍ରହଣ କରାଯାଇଥିଲା। ଏ ବାବଦରେ ଆବଶ୍ୟକ କ୍ଷତିପୂରଣ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଥିଲା। ହେଲେ ସରକାର ଗୋଚର ବାବଦରେ ବଦଳ ଦେଇଥିବା ୨.୮୨ ଏକରକୁ ଦଲାଲମାନେ ବାହାର ଲୋକଙ୍କୁ ବିକ୍ରି କରୁଥିବା ଗ୍ରାମବାସୀ ସୂଚନା ଅଧିକାର ଆଇନ ବଳରେ ଜାଣିବାକୁ ପାଇଛନ୍ତି। ସେହିପରି ଜାତୀୟ ରାଜପଥ ଅଧିଗ୍ରହଣ କରିଥିବା ଜାଗାକୁ ମଧ ଦଲାଲମାନେ ବିକ୍ରି କରିବାରେ ଲାଗି ପଡ଼ିଛନ୍ତି। ଏହା ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଏ ନେଇ ସେମାନେ ତହସିଲ ପ୍ରଶାସନର ଦ୍ୱାରସ୍ଥ ହେବା ସହ ତୁରନ୍ତ ଗୋଚର ଜମି ବିକ୍ରି ବାତିଲ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ


ଆମ୍ବସରମୁଣ୍ଡା ସେବାଶ୍ରମ ଘର ନିର୍ମାଣ ଯାଞ୍ଚ କରୁଛନ୍ତି ଜିଲାପାଳ।

ଆଠମଲ୍ଲିକ/ ବଇଣ୍ଡା,୧୮।୮ (ଡି.ଏନ.ଏ.)– ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୁଧବାର ଆଠମଲ୍ଲିକ ଉପଖଣ୍ଡର କିଶୋରନଗର ଓ ଆଠମଲ୍ଲିକ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ କିଶୋରନଗର ବ୍ଲକ କଦଳୀମୁଣ୍ଡା ଗ୍ରାମରେ ଏକ ଘରକୁ ନେଇ କୋର୍ଟରେ ଥିବା ମାମଲାର ତଦନ୍ତ କରିଥିଲେ। ପରେ ବଇଣ୍ଡା, ହଣ୍ଡପା, ନାକିଚି ହାଇସ୍କୁଲର ନୂତନ ନିର୍ମାଣ ହେଉଥିବା ଘର ବୁଲି ଦେଖିବା ସହ ଠିକ୍ ସମୟରେ କାର୍ଯ୍ୟ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକର କୃତିବାସପୁର, ଠାକୁରଗଡ, ହାଇସ୍କୁଲର ନୂତନ ନିର୍ମାଣ ଘର, ଆମ୍ବସରମୁଣ୍ଡା ସେବାଶ୍ରମ ବିଦ୍ୟାଳୟ ଘର ନିର୍ମାଣ ଯାଞ୍ଚ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଆଠମଲ୍ଲିକ ବ୍ଲକର ୯ଟି ପଞ୍ଚାୟତ ସରକାରୀ ହାଇସ୍କୁଲ ଓ ଏନଏସି ରେ ଥିବା ମହେନ୍ଦ୍ର ହାଇସ୍କୁଲ ଓ ବାଳିକା ହାଇସ୍କୁଲକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ପରେ ଆମ୍ବସରମୁଣ୍ଡା ଓ ଠାକୁରଗଡ଼ ଠାରେ ନିର୍ମାଣ ହେଉଥିବା ଗ୍ରାମାଞ୍ଚଳ ପାର୍କ କାର୍ଯ୍ୟ ତଦାରଖ କରିଥିଲେ। ଶେଷରେ ଏନ୍‌ଏସି କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଘର ଘର ବୁଲି ଅଳିଆ ସଂଗ୍ରହ କରିବା, ହୋଲଡିଂ ଟାକ୍ସ ଆଦାୟ କରିବା, ଟ୍ରେଡ ଲାଇସେନ୍ସ କରାଇବା, ପ୍ରତ୍ୟେକ ୱାର୍ଡରେ ନାଳ ସଂଯୋଗ କରିବା, ପାନୀୟ ଜଳ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, କିଶୋରନଗର ବିଡିଓ ଶ୍ୟାମଳ କୁମାର ରାଏ, ଆଠମଲ୍ଲିକ ବିଡିଓ ସନ୍ତୋଷ ସାହୁ, କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଠମଲ୍ଲିକ ତହସିଲଦାର ସରୂପା ନନ୍ଦ ସାହୁ, ଆମ୍ବସରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରୀ, ନୁନୁକାପଶି ସରପଞ୍ଚ ଜଳଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜନବସତି ନିକଟରେ ଖଣି ଖନନକୁ ବିରୋଧ

କଣିହାଁ,୧୮।୮(ଡି.ଏନ.ଏ.)

- ପୋଲିସ-ଜରଡ଼ା ଗ୍ରାମବାସୀ ମୁହାଁମୁହିଁ
- ୨୩ କ୍ଷତିଗ୍ରସ୍ତ ଗିରଫ, ୩୦ ଅଟକ
- ଥାନା ଘେରିଲେ ଆନ୍ଦୋଳନକାରୀ

ଅନୁଗୋଳ ଜିଲା କଣିହାଁସ୍ଥିତ ଏମ୍‌ସିଏଲ୍‌ର କଣିହାଁ ଓସିପି ଅଞ୍ଚଳରେ ଥିବା ଜରଡ଼ା ଗ୍ରାମ ନିକଟରେ ବୁଧବାର ଖଣି ଖନନ ବେଳେ ଉତ୍ତେଜନା ପ୍ରକାଶ ପାଇଛି। କମ୍ପାନୀର ବଳପୂର୍ବକ କାର୍ଯ୍ୟକୁ ବିରୋଧ ବେଳେ ପୋଲିସ ସହ ଜରଡ଼ା ଗ୍ରାମବାସୀଙ୍କ ମୁହାଁମୁହିଁ ହୋଇଛି। ଫଳରେ ଜଣେ ଆନ୍ଦୋଳନକାରୀ ଓ ୨ ଜଣ କନଷ୍ଟେବଳ ଆହତ ହୋଇଛନ୍ତି। ଗୋଟିଏ ଜେସିବି ମେଶିନ ଓ ବୋଲେରୋ ଭଙ୍ଗାରୁଜା କରାଯାଇଛି। ପୋଲିସ ୨୩ଜଣଙ୍କୁ ଗିରଫ କରିଛି। ଗ୍ରାମ ସଭାପତିଙ୍କ ସହିତ ୩୦ରୁ ଅଧିକଙ୍କୁ ଥାନାରେ ଅଟକ ରଖିଛି। ପୋଲିସର ଗିରଫଦାରି ପ୍ରତିବାଦରେ ଗ୍ରାମବାସୀ କଣିହାଁ ଥାନା ଘେରାଉ କରିଛନ୍ତି।

କ୍ଷତିଗ୍ରସ୍ତଙ୍କ କହିବା ଅନୁଯାୟୀ, ୨୦୧୦ ମସିହାରେ କଣିହାଁ ଓସିପି କାର୍ଯ୍ୟକ୍ଷମ ହୋଇଥିଲା। ଅଧିଗ୍ରହଣ ହୋଇଥିବା ଜରଡ଼ା ଗ୍ରାମବାସୀଙ୍କ ଜମିରୁ ୨୦୧୩ରେ କୋଇଲା ଖନନ ଓ ଉତ୍ତୋଳନ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୁନର୍ବାସ ଓ ଥଇଥାନ ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ ତାହା ଏଯାଏ ପୂରଣ ହୋଇନାହିଁ। ତେଣୁ ଥଇଥାନ କରା ନ ଯିବା ପର୍ଯ୍ୟନ୍ତ ଗ୍ରାମ ବସତି ଠାରୁ ୨୦୦ ମିଟର ଯାଏ ଖନନ କାର୍ଯ୍ୟ ନ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ହଠାତ୍ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ପୋଲିସ ଫୋର୍ସ ସାହାଯ୍ୟରେ ବସତି ନିକଟରେ ମେଶିନ ଲଗାଇ କାର୍ଯ୍ୟ କରିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ପତିତପାବନ ଦେବତା, ପାଲଲହଡ଼ା ଏସ୍‌ଡିପିଓ ସୁମନ ରଞ୍ଜିତା ସିଂ, ଅନୁଗୋଳ ଏସ୍‌ଡିପିଓ ଭବାନୀ ଶଙ୍କର ଉଦ୍‌ଗାତା, ୫ ଜଣ ଇନ୍ସପେକ୍ଟରଙ୍କ ସହ ୭ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ମୁତୟନ ରହିଛନ୍ତି। ଓସିପି ଜିଏମ୍ କିଶୋର କୁମାର ରାଉଳ କହିଛନ୍ତି, ଗ୍ରାମବାସୀଙ୍କୁ କେବଳ ଥଇଥାନ କରାଯିବା ବାକି ରହିଛି। ବସତି ଠାରୁ ୮୦ ମିଟର ଭିତରେ ଆଧୁନିକ ଜ୍ଞାନ କୌଶଳରେ ଖଣି କାର୍ଯ୍ୟ ନେଇ ଆଲୋଚନା ସହିତ ପୁରୁଣା ଘର ସୁରକ୍ଷିତ ରହିବ ବୋଲି ବ୍ୟବସ୍ଥା ହୋଇଛି। କିନ୍ତୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଫ୍ଲଟିଂ ବ୍ୟବସ୍ଥା ସହିତ ଖୁବ୍‌ଶୀଘ୍ର ପଥରମୁଣ୍ଡାରେ ଜାଗା ଯୋଗାଇ ଦିଆଯିବ। ତହସିଲଦାର ଦେବତା କହିଛନ୍ତି, ଜରଡ଼ା ଗ୍ରାମବାସୀଙ୍କ ସହିତ ଆଲୋଚନା କରାଯାଇଛି। ରାତି ୮ଟା ପରେ ସ୍ଥିତି ସ୍ୱାଭାବିକ ହୋଇଛି। ଅଟକମାନଙ୍କୁ ଛାଡି ଦିଆଯାଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ନ ହେବା ପର୍ଯ୍ୟନ୍ତ ନୂଆ ଜାଗାରେ ଖଣି କାର୍ଯ୍ୟ ହେବ ନାହିଁ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।


କଣିହାଁ ଓସିପି ସମ୍ମୁଖରେ କ୍ଷତିଗ୍ରସ୍ତ ଜରଡ଼ା ଗ୍ରାମବାସୀ ଆନ୍ଦୋଳନ କରୁଥିବା ବେଳେ ପ୍ରଶାସନିକ ଅଧିକାରୀ ଓ ପୋଲିସ ଉପସ୍ଥିତ ଅଛନ୍ତି।

